# Akashvani, Sambalpur

## SAMBALPURI NEWS BULLETIN

### 22 October 2024- 6.47- 6.52 am.

*********************************************

ବାତ୍ୟା 'ଦାନା'          ଆର୍‌ଏନ୍‌ୟୁ/ କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ଉତର୍ ଆଣ୍ଡାମାନ୍ ସମୁଦ୍ର ଉପକୂଲ୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ କହିଛେ । ଆଏବା କାଏଲ୍‌ତକ୍ ଇଟା ସାମୁଦ୍ରିକ ଝଡ଼ ରୂପ୍ ନେବା । ଇ ବାବ୍‌ଦେ ବିଭାଗ୍‌ର ମହାନିର୍ଦ୍ଦେଶକ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ ଯେ, ସାମୁଦ୍ରିକ ଝଡ଼ ଉପକୂଳ ଛୁଇଁବାର୍ ବେଲେ ପବନ୍‌ର ବେଗ ଶହେ ନୁ ଶହେ ୨୦ କିଲୋମିଟର୍‌ତକ୍ ହେଇପାରେ । ସେଆଡ଼େ ସାମୁଦ୍ରିକ ଝଡ଼ ଦାନାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସମ୍ଭାବ୍ୟ ପରିସ୍ଥିତିର୍ ମୁକାବିଲା ଲାଗି ପଦକ୍ଷେପ୍ ମୁଲ୍ ହେଇଛେ । ଇଟା ଉତର୍ ପର୍ଶ୍ଚିମ ଦିଗ୍‌କେ ଗତି କରିକରି ଗୁରୁବାର୍ ସଖାଲ୍‌ତକ୍ ଓଡ଼ିଶା ଆଉ ପର୍ଶ୍ଚିମବଙ୍ଗ୍ ଇଲାକା ଛୁଇଁପାରେ ।

ବାତ୍ୟା ମୁଖ୍ୟମନ୍ତ୍ରୀ ସମୀକ୍ଷା          ଆର୍‌ଏନ୍‌ୟୁ /ସମ୍ବଲପୁର

ବାତ୍ୟା ଆଉ ବାତ୍ୟା ଉତାରୁ ବଢ଼ି ଥିତିର୍ ମୁକାବିଲା ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିଛନ୍ । ଜିରୋ କାଜୁଆଲ୍‌ଟି ସୁନିଶ୍ଚିତ କର୍‌ବାର୍ ଲାଗି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଇତାର୍ ସହେତେ ସବୁ ସମ୍ଭାବ୍ୟ ପ୍ରଭାବିତ୍ ଇଲାକାକେ ଚିହ୍ନଟ୍ କରିକରି ବିପଦ୍ ଥିବାର୍ ଇଲାକାନୁ ଲୁକ୍‌କୁ ଶହେ ପ୍ରତିଶତ୍ ସ୍ଥାନାନ୍ତରଣ୍ କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ । ବାତ୍ୟା ଆଶ୍ରୟସ୍ଥଲୀମାନ୍‌କେ ଦର୍‌କାରୀ ଖାଏବାର୍ ଦରବ୍, ପିଇବାର୍ ପାଏନ୍, ଉଷୋ ଆର୍ ଶିଶୁ ଖାଦ୍ୟ ମହଜୁଦ୍ ରଖିବାର୍ ଲାଗି ସେ ବୈଠକ୍‌ଥି ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ବାତ୍ୟା ସ୍କୁଲ୍ ଛୁଟି- ସ୍ୱାସ୍ଥ୍ୟ ବିଭାଗ୍ ତୟାରି/ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ଭାବ୍ୟ ବାତ୍ୟାକେ ନଜର୍‌ଥି ରଖିକରି ଉତର୍ ଆଉ କେନ୍ଦ୍ର ଓଡ଼ିଶାର୍ ୧୪ ଟା ଜିଲ୍ଲାର୍ ସ୍କୁଲ୍‌ମାନ୍‌କୁ ଆଏବା କାଏଲ୍‌ନୁ ୨୫

ତାରିଖ୍‌ତକ୍ ଛୁଟି ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍‌କେ ସୂଚ୍‌ନା ଦିଆଯାଇଥିବାର୍ ଜନାପଡ଼ିଛେ ।

ସେଆଡ଼େ ବାତ୍ୟାକେ ନଜର୍‌ଥି ରଖିକରି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ସ୍ୱାସ୍ଥ୍ୟ ପ୍ରଶାସନ୍‌କେ ତୟାର୍ ରହେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ରାଜ୍ୟ, ଜିଲ୍ଲା, ସବ୍‌ଡିଭିଜନ୍ ବ୍ଲକ୍ ସ୍ତର୍ ନ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍, ସବୁ ଡାକ୍ତର୍‌ଖାନା ନ ଭର୍‌ପୁର୍ ପରମାଣ୍‌ର ଉଷୋ, ଓଆର୍‌ଏସ୍, ହେଲୋଜେନ୍ ଟେବ୍‌ଲେଟ୍ ବ୍ୟବସ୍ଥା କର୍‌ବାର୍ ଆର୍ ଦର୍‌କାର୍ ହେଲେ ଗର୍ଭବତୀ ମହିଳାମାନ୍‌କୁ ପାଖର୍ ମେଟର୍ନିଟି ଗୃହକେ ସ୍ଥାନାନ୍ତର୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ରାଷ୍ଟ୍ରପତିଙ୍କର୍ ଓଡ଼ିଶା ଗସ୍ତ ସ୍ଥଗିତ         ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଓଡ଼ିଶାଗସ୍ତକେ ସ୍ଥଗିତ୍ କରାଯାଇଛେ । ଇ ବାବ୍‌ଦେ ରାଷ୍ଟ୍ରପତି ଭବନ୍ ତର୍‌ଫୁ ମୁଖ୍ୟ ଶାସନ୍ ସଚିବ ଆଉ ରାଜ୍ୟପାଲ୍‌ଙ୍କର୍ ସଚିବଙ୍କୁ ସୂଚ୍‌ନା

ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଆଏବା କାଏଲ୍‌ନୁ ୨୫ ତାରିଖ୍‌ତକ୍ ୩ ଦିନିଆ ଓଡ଼ିଶା ଗସ୍ତ୍‌ଥି ଆସ୍‌ବାର୍ କାର୍ଯ୍ୟକ୍ରମ୍ ଥିଲା ।

ହେଲିକେପ୍ଟର୍- ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ଭାବ୍ୟ ବାତ୍ୟାର୍ ଲାଗି ଉଦ୍ଧାର୍ ଆଉ ରିଲିଫ୍ ବ୍ୟବସ୍ଥାଥି ହେଲିକେପ୍ଟର୍ ବେଭାର୍ କରାଯିବା । କେନ୍ଦ୍ର ସର୍‌କାର୍ ଇ ହେଲିକେପ୍ଟର୍ ଯୁଗେଇ ଦେବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭୁବନେଶ୍ୱର୍ ଠାନେ ଗୁଟେ ସମୀକ୍ଷା ବୈଠକ୍ ଉତ୍‌ରୁ ସେ କହିଛନ୍ ଯେ, ଆଏବା କାଏଲ୍‌ତକ୍ ଇ ହେଲିକେପ୍ଟର୍ ସବୁ ପହଁଚିଯିବା ।

ଜାତୀୟ ଜଳ ପୁରସ୍କାର ଆର୍‌ଏନ୍‌ୟୁ/ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ନ ପଂଚମ ଜାତୀୟ ଜଳ ପୁରସ୍କାର୍ ୨୦୨୩ ପ୍ରଦାନ୍ କର୍‌ବେ । ଶ୍ରେଷ୍ଠ ରାଜ୍ୟ ବର୍ଗ ନ ଓଡ଼ିଶା ପହେଲା ପୁରସ୍କାର୍ ପାଏବାର୍‌କେ ମନୋନୀତ୍

ହେଇଥିବାର୍ ବେଲେ ଉତରପ୍ରଦେଶ୍ ଦ୍ୱିତୀୟ, ଗୁଜୁରାଟ୍ ଆର୍ ପୁଡୁଚେରୀ ମିଲିତ୍ ଭାବେ ତୃତୀୟ ପୁରସ୍କାର୍ ପାଏବେ ।

ରାଜ୍ୟ ସର୍କାର୍ ମହଙ୍ଗାଭତା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାରୀ କର୍ମଚାରୀମାନ୍କର୍ ମହଙ୍ଗାଭତା ୩ ପ୍ରତିଶତ୍ ବଢ଼ାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍ନା କରିଛନ୍ । ଇ ଘୋଷ୍ନା ଅନ୍ସାରେ ସର୍କାରୀ କର୍ମଚାରୀମାନ୍କର୍ ମହଙ୍ଗାଭତା ୫୦ ପ୍ରତିଶତ୍ନୁ ନୁ ୫୩ ପ୍ରତିଶତ୍କେ ବଢ଼ିଛେ । ଇଟା ଗଲା ଜୁଲାଇ ମାସର୍ ୧ ତାରିଖ୍ନୁ ପିଛିଲା ଭାବେ ଲାଗୁ ହେବା । ବଢ଼୍ତି ମହଙ୍ଗା ଭତା ଇ ମାସର୍ ଦର୍ମାଥି ନଗଦ୍ ଆକାରେ ମିଲ୍ବା ବଲି କୁହାଯାଇଛେ । ଇତାର୍ ସହେତେ ପେନ୍ସନ୍ ଭୋଗୀମାନ୍କର୍ ଟି.ଆଇ. ଥି ଭିଲ୍ ୩ ପ୍ରତିଶତ ବଢ଼ାଯାଇଛେ । ଇଥି ସାଢ଼େ ୭ ଲାଖ୍ ସର୍କାରୀ କର୍ମଚାରୀ ଆର୍ ପେନ୍ସନ୍ଭୋଗୀ ଉପକୃତ ହେବେ ।

ଧାନ୍ ସଂଗ୍ରହ ସମୀକ୍ଷା ଆର୍ଏନ୍ୟୁ /ସମ୍ବଲପୁର

ଆଏବା ମାସ୍ନୁ ରାଏଜେ ଖରିଫ୍ ଫସଲ୍ର ଧାନ୍ ଘିନା କାମ୍କେ ଦଲାଲ୍ ଆଉ ଦୁର୍ନୀତିମୁକ୍ତ କର୍ବାର୍କେ ସମବାୟ

ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ନିର୍ଦ୍ଦେଶ୍ ଦେଇଛନ୍ । ଧାନ୍ ଘିନ୍‌ବାର୍ ୪୮ ଘଂଟା ଭିତ୍‌ରେ ଚାଷୀମାନ୍‌କର୍ ବେଙ୍କ୍ ଖାତାକେ ସବୁ ଅର୍ଥରାଶି ପଠାବାର୍ ଉପ୍‌ରେ ସେ ଜୋର୍ ଦେଇଛନ୍ । ନିୟନ୍ତ୍ରିତ ବଜାର୍ କମିଟି ମାନ୍‌କେ ଧାନ୍‌ର ଗୁଣ୍‌ମାନ୍ ଯାଂଚ୍ କର୍‌ବାର୍ ଲାଗି ଭିତିଭୂମି ଆଉ ମିସିନ୍ ଯୁଗେଇ ଦିଆଯିବା ।

ଓଜେଏସ୍ ପରୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ୍ୟାୟିକ ସେବା- ଓଜେଏସ୍‌ର ମୁଖ୍ୟ ଲିଖିତ ପରୀକ୍ଷା ଆଏବା ମାସର୍ ୩ ତାରିଖ୍‌ନୁ ମୁଲ୍ ହେବା । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ନ ୨ ଟା ଆର୍ କଟକ୍ ଆର୍ ସମ୍ବଲ୍‌ପୁର୍ ନ ଗୁଟେ ଲେଖା ପରୀକ୍ଷା କେନ୍ଦ୍ର କରାଯାଇଛେ ବଲି ଓଡ଼ିଶା ଲୋକସେବା ଆୟୋଗ୍ ତର୍‌ଫୁ କୁହାଯାଇଛେ ।

ବିଦ୍ୟୁତ୍‌କାଟ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଲପଙ୍ଗା ନ ଥିବାର୍ ଓପିଟିସିଏଲ୍‌ର ଶହେ ୩୨ ବାଇ ୩୩ କେଭି ଗ୍ରୀଡ୍ ଷ୍ଟେସନ୍‌ର ବଛର୍‌କିଆ ଦେଖ୍‌ରେଖ୍ କାମ୍ ହେବା । ହେଥିର୍‌ଲାଗି ଆଏଜ୍ ସଖାଲର୍ ୭ ବଜୁ ଉପର୍‌ବେଲା ୪

ବଜାତକ୍ ଠେଲ୍‌କୁଲି, ଟାମ୍ପର୍‌କେଲା, ଖୃଣ୍ଡା, ଲପଙ୍ଗା, କତର୍‌ବଗା, ରେଙ୍ଗାଲି, ଶର୍‌ଧାପାଲି ଆର୍ ହେତାର୍ ଆଖର୍‌ପାଖର୍ ଇଲାକାକେ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ ତର୍‌ଫୁ ସମ୍ବଲ୍‌ପୁର୍ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ଠାନେ ରାଷ୍ଟ୍ରୀୟ ଏକତା ପର୍ବ ଅନୁଷ୍ଠିତ୍ ହେଇଥିଲା । ଇଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ଜିଲ୍ଲାନୁ ୩ ଶହ ୨୧ ଝନ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ୍ କରିଥିଲେ । କାର୍ଯ୍ୟକ୍ରମ୍‌କେ ଆଂଚଲିକ୍ ମୁଖ୍ୟ ବନସଂରକ୍ଷକ ଟି.ଏସ୍. କୁମାର୍ ଉଦ୍‌ଘାଟନ୍ କରିଥିଲେ ।

ନୂଆପଡ଼ା- ଫୁଟ୍‌ବଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ଠାନେ ଚାଲିଥିବାର୍ ଫୁଟ୍‌ବଲ୍ ପ୍ରତିଯୋଗିତାର୍ ଗୁଟେ ଖେଲ୍‌ଥି ଅରେଡ଼ା ଦଲ୍ ଜିତିକରି ଆଗ୍‌କେ

ବଢ଼ିଛନ୍ । ଅରେଡ଼ା ଦଲ୍ ୧-ଶୂନ୍ ଗୋଲ୍‌ଥି ଡୁଆଝର୍ ଏକାଦଶ୍‌କେ ହରେଇଥିଲେ ।